# Akashvani, Sambalpur

## SAMBALPURI NEWS EVENING BULLETIN

## 30 January 2025- 7.02 pm- 7.12 pm.

*********************************************

୧- ସଂସଦ୍‌ର ବଜେଟ୍ ଅଧିବେଶନ୍ ଆଏବା କାଏଲ୍‌ନୁ ମୁଲ୍ ହେଉଛେ ।

- ଗୃହ କାର୍ଯ୍ୟ ସୁରୁଖୁରୁଥି ଚଲାବାର୍ ଲାଗି ରାଜନୈତିକ୍ ଦଲ୍‌ମାନ୍‌କର୍ ସହଯୋଗ୍ ମାଗ୍‌ଲେ ସର୍‌କାର୍ ।

୨- ବିକଶିତ୍ ଗାଁ ଆର୍ ବିକଶିତ୍ ଓଡ଼ିଶା ଲାଗି ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ତର୍‌ଫୁ ଜାରି ହେଲା ମାର୍ଗଦର୍ଶିକା ।

୩- ମହାତ୍ମାଗାନ୍ଧୀଙ୍କର୍ ପୁଣ୍ୟତିଥି ନ ଆଏକ୍ ଦେଶ୍‌ବାସୀ ଜନାଲେ ଶ୍ରଦ୍ଧାଞ୍ଜଳି ।

ଆଉର୍

୪- ରାଏଜେ କୁଷ୍ଠ ରୋଗୀମାନ୍‌କର୍ ମିଲାମିଶା କରୁଥିବା ଲୁକ୍‌କୁ ଦିଆଯିବା ମାହାଲିଆ ଟୀକା ।

ସଂସଦ୍‌ର ସର୍ବଦଳୀୟ ବୈଠକ୍       ଏନ୍‌ଏସ୍‌ଡି

ସଂସଦ୍‌ର ବଜେଟ୍ ଅଧିବେଶନ୍ ଆଏବାକାଏଲ୍‌ଠାନୁ ମୁଲ୍ ହେବା । ପହେଲା ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁହି ସଦନ୍‌ର ମିଲିତ୍ ଅଧିବେଶନ୍‌କେ ସମ୍ବୋଧନ୍ କର୍‌ବେ । ଆଏବା ଶନିବାର ୧ ତାରିଖ୍ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସାଧାରଣ ବଜେଟ୍ ଉପସ୍ଥାପନ୍ କର୍‌ବେ ।

ସଂସଦ୍‌ର ବଜେଟ୍ ଅଧିବେଶନ୍ ଆଘୋନୁ ନୂଆଦିଲ୍ଲୀ ନ ଆଏଜ୍ ସର୍ବଦଳୀୟ ବୈଠକ୍ ହେଇଯାଇଛେ । ସଂସଦ୍‌ର ଅଧିବେଶନ୍‌କେ ଠିକ୍‌କରି ଚଲାବାର୍ ଲାଗି କେନ୍ଦ୍ର ସରକାର ସବୁ ରାଜନୈତିକ୍ ଦଲ୍‌ମାନଙ୍କର ସହଯୋଗ୍ ମାଗିଛନ୍ । ବୈଠକ୍‌ଥି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ସଂସଦ୍ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ, କଂଗ୍ରେସ ସାଂସଦ୍ ଜୟରାମ ରମେଶ ଆର୍ ଗୌରବ୍ ଗୋଗୋଇ, ଟିଏମ୍‌ସି ସାଂସଦ୍ ସୁଦୀପ୍ ବନ୍ଦୋପାଧ୍ୟାୟ, ସମାଜ୍‌ବାଦୀ ପାର୍ଟି ସାଂସଦ ରାମଗୋପାଳ ଯାଦବ, ବିଜେଡିର ସସ୍ମିତ୍ ପାତ୍ର, ଡିଏମ୍‌କେର୍ ଟି.ଆର୍.ବାଲୁ ଆର୍ ଭିନ୍ ଭିନ୍ ଦଲର୍ ସାଂସଦ୍‌ମାନେ ବୈଠକ୍‌ଥି ସାମିଲ୍ ହେଇଥିଲେ ।

ଏଆଇ ମୁଲ୍ ମଡେଲ୍ ଏନ୍‌ଏସ୍‌ଡି

ଭାରତ୍ ଆଏବା ମାସ କୃତ୍ରିମ ବୁଦ୍ଧିମତା -ଏଆଇର୍ ଫାଉଣ୍ଡେସ୍‌ନାଲ୍ ମଡେଲ୍ ତିଆର୍ କର୍‌ବାର୍‌କେ ଯାଉଛେ ବଲି କେନ୍ଦ୍ର ସୂଚନା ପ୍ରସାରଣ ଆଉ ରେଲ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ସୂଚ୍‌ନା ଦେଇଛନ୍ । ନୂଆଦିଲ୍ଲୀଠାନେ ଆଏଜ୍ ଇ ବାବ୍‌ଦେ ସୂଚ୍‌ନା ଦେଇକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍, ଭାରତର୍ ଫାଉଣ୍ଡେସ୍‌ନାଲ୍ ଏଆଇ ମଡେଲ୍ ପୁର୍‌ଥିର ସବୁନୁ ଭଲ୍ ମଡେଲ୍‌କେ ଭିଲ୍ ଚେଲେଞ୍ଜ୍ କରିପାର୍‌ବା । ଭାରତର୍ ନିଜର୍ ଏଆଇ ମଡେଲ୍ ତିଆର୍ କର୍‌ବାର ଲାଗି ପ୍ରସ୍ତାବ୍ ଆହ୍ୱାନ୍ କରାଯାଇଛେ ବଲି ଶ୍ରୀ ବୈଷ୍ଣବ କହିଛନ୍ । ଦେଶେ ଏଆଇ ସୁରକ୍ଷାର୍ ଲାଗି ଗୁଟେ ସୁରକ୍ଷା ସଂସ୍ଥାନ୍ ପ୍ରତିଷ୍ଠା କରାଯିବା ବଲି ଭିଲ୍ ଶ୍ରୀ ବୈଷ୍ଣବ୍ ସୂଚ୍‌ନା ଦେଇଛନ୍ ।

ଶ୍ରମମନ୍ତ୍ରୀ ଆର୍ ସଚିବ-ରାଷ୍ଟ୍ରୀୟ ସମ୍ମିଲନୀ ପି.ଆଇ.ବି.

ନୂଆଦିଲ୍ଲୀ ନ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ଶ୍ରମମନ୍ତ୍ରୀ ଆର୍ ସଚିବମାନ୍‌କର୍ ଦୁଇଦିନିଆ ରାଷ୍ଟ୍ରୀୟ ସମ୍ମିଲନୀ

ଆଏଜ୍ ଉଦ୍ଯାପିତ୍ ହେଇଯାଇଛେ । କେନ୍ଦ୍ର ଶ୍ରମ, ରୋଜ୍ଗାର୍, ଯୁବବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ମନ୍ସୁଖ୍ ମାଣ୍ଡଭିୟଙ୍କର୍ ଅଧ୍ୟକ୍ଷତାଥି ଦୁଇଦିନ୍ଥି ୫ ଟା ଅଧିବେଶନ୍ଥି ୧୦ ନୁ ଅଏତ୍କା ବିଷୟ ଉପ୍ରେ ଆଲୋଚନା କରାଯାଇଥିଲା । ୫ - ୫ ଟା ରାଜ୍ୟକେ ନେଇକରି ୩ ଟା ସମିତି ଗଠନ୍ କରାଯାଇଥିଲା । ଇ ସମିତିମାନେ କର୍ମଶାଳା ସମିଆଥି ହେଇଥିବା ଆଲୋଚନାର୍ ଆଧାର୍ଥି ପରାମର୍ଶ ଦେବେ ଆଉ ଶ୍ରମିକମାନ୍କର୍ ଲାଗି ବ୍ୟାପକ୍ ସୁରକ୍ଷା ଲାଗି ଗୁଟେ ସ୍ଥାୟୀ ବ୍ୟବସ୍ଥା ବିକଶିତ୍ କର୍ବେ । ଯେନ୍ଟା ଆଏବା ମାର୍ଚ୍ଚ ମାସ୍ତକ୍ ପ୍ରସ୍ତୁତ୍ କରାଯିବା ।

ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା ଭୁବନେଶ୍ୱର ସମ୍ବାଦଦାତା

ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା ଲାଗି ପଂଚାୟତିରାଜ୍ ଆର୍ ପାନୀୟ ଜଲ୍ ବିଭାଗ୍ ତର୍ଫୁ ମାର୍ଗଦର୍ଶିକା ଜାରି କରାଯାଇଛେ । ଇ ଯୋଜ୍ନାଥି ଗ୍ରାମୀଣ ଭିତିଭୂମି ଆର୍ ବ୍ଲକ୍ ସ୍ତର୍ ନ ବାର୍ଷିକ୍ ଉନ୍ନତିମୂଲକ୍ କାମ୍ କର୍ବାର୍ ଯୋଜ୍ନା କରାଯିବା । ଆଏବା ମାସର୍ ୧୫ ତାରିଖ୍ ତକ୍ ଫି ଗାଁନ ୫ ବର୍ଷିଆ ଯୋଜ୍ନା ତାଲିକା ତିଆର୍ କର୍ବାର୍ ଲାଗି ଜିଲ୍ଲାପାଲ୍ ଆର୍ ବିଡିଓ ମାନ୍ଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ମାର୍ଗଦର୍ଶିକା ଅନ୍ସାରେ ପଛୁଆ ଆର୍

ଆଦିବାସୀ ଇଲାକାକେ ଇ ଯୋଜ୍‌ନାଥି ଅଏତ୍‌କା ଧିଆନ୍ ଦିଆଯିବା । ମୋଟ୍ ପାଣ୍ଠିର୍ ୪୦ ପ୍ରତିଶତ୍ ବ୍ଲକ୍ ଆର୍ ପଂଚାୟତ୍‌କେ ମିଲିଥିବା ମୋଟ୍ ପାଣ୍ଠିର୍ ୩୫ ପ୍ରତିଶତ୍ ରାସ୍ତା ନିର୍ମାଣ କାମ୍‌ଥି ଲଗାଯିବା । ସବୁ ପଂଚାୟତ୍ ଗ୍ରାମସଭା ଜରିଏ ତାଲିକା ବନାବାର୍ ଲାଗି ମାର୍ଗଦର୍ଶିକାଥି କୁହାଯାଇଛେ । ୨୦୨୪-୨୫ ଆର୍ଥିକ୍ ବଛର୍‌ଥି ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା ଲାଗି ବଜେଟ୍‌ଥି ରାଜ୍ୟ ସର୍‌କାର ହଜାରେ କୋଟି ଟଙ୍କାର୍ ବ୍ୟୟ ବରାଦ୍ କରିଛନ୍ ।

ଇ-କେୱାଇସି କଟକ ଡେସ୍କ

ରାସନ୍‌କାର୍ଡ ହିତାଧିକାରୀଙ୍କର୍ ଲାଗି ଇ-କେୱାଇସି କର୍‌ବାର ସମିଆକେ ଆଏବା ମାସର୍ ୧୫ ତାରିଖ୍ ତକ୍ ବଢ଼ାଯାଇଛେ ବଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଆଘୋନୁ ଇ-କେୱାଇସି କର୍‌ବାର୍ ଲାଗି ଆଏବାକାଏଲ୍ ଶେଷ୍ ଦିନ୍ ଥିଲା । ହେଲେ ହିତାଧିକାରୀମାନ୍‌କର୍ ସୁବିଧାକେ ଧିଆନ୍‌ଥି ରଖିକରି ଇ ନିଷ୍ପତି ନିଆଯାଇଛେ ।

ପଦବୀ ପୂରଣ କଟକ ଡେସ୍କ

ସରକାର ରାଏଜେ ଆଏବା ଦୁଇ ବଛର୍ ଭିତ୍‌ରେ ୬୫ ହଜାର୍ ପଦ୍ ପୂରଣ୍ କର୍‌ବାର ଲାଗି ଲକ୍ଷ୍ୟ ରଖିଛନ୍ । ଭିନ୍ ଭିନ୍ ବିଭାଗ୍‌ଥି ଖାଲିଥିବା ପଦ୍‌ବୀ ପୂରଣ୍ କର୍‌ବାର୍ ଲାଗି ସର୍‌କାର୍ ଇହାଦେ ଜୋର୍‌ଦାର୍ ପଦକ୍ଷେପ୍ ନଉଛନ୍ । ଖାଲି ଥିବା ପଦବୀମାନ୍‌ଙ୍କର ସାଧାରଣ ପ୍ରଶାସନ୍ ବିଭାଗ୍ ତର୍‌ଫୁ ଥିତି ସମୀକ୍ଷା କର୍‌ବାର୍ ଲାଗି ଆଏଜ୍ ଗୁଟେ ବୈଠକ୍ ବସିଥିବାର୍ ଜନାପଡ଼ିଛେ ।

ମହାତ୍ମା ଗାନ୍ଧୀଙ୍କର୍ ପୁଣ୍ୟତିଥି ଆର୍‌ଏନ୍‌ୟୁ ସମ୍ବଲପୁର/ଏକ୍ସ

ଜାତିର୍ ପିତା ମହାତ୍ମା ଗାନ୍ଧୀଙ୍କର୍ ପୁଣ୍ୟତିଥି ଅବ୍‌ସରେ ଆଏଜ୍ ଦେଶ୍‌ବାସୀ ସହିଦ୍ ଦିବସ୍ ପାଳନ୍ କରି କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ୧୯୪୮ ମସିହା ଜାନୁୟାରୀ ୩୦ ତାରିଖ୍ ଦିନ ମହାତ୍ମା ଗାନ୍ଧୀଙ୍କର୍ ପର୍‌ଲୋକ୍ ହେଇଥିଲା । ନୂଆଦିଲ୍ଲୀଠାରେ ମହାତ୍ମା ଗାନ୍ଧୀଙ୍କର୍ ସମାଧୀ ପୀଠ୍ ରାଜଘାଟ୍‌ଠାନେ ଆଏଜ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗ୍‌ଦୀପ ଧନ୍‌ଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଉ ତିନ୍‌ହି ସେନାର୍ ମୁଖିଆମାନେ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି ସର୍ବଧର୍ମ ପ୍ରାର୍ଥନା ସଭାଥି ଯୋଗ୍ ଦେଇଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍, ଗାନ୍ଧିଜୀଙ୍କର୍ ଆଦର୍ଶ ବିକଶିତ୍ ଭାରତ୍ ନିର୍ମାଣକେ

ନେଇକରି ପ୍ରେରଣା ଦଉଛେ । ଦେଶ୍ ଲାଗି ବଲିଦାନ୍ ଦେଇଥିବା ଶହୀଦଙ୍କୁ ଇ ଅବ୍‌ସରେ ଶ୍ରୀ ମୋଦି ଶ୍ରଦ୍ଧାଞ୍ଜଳି ଜନେଇକରି ସେମାନଙ୍କର୍ ସ୍ମୃତିଚାରଣ କରିଛନ୍ ।

ଗାନ୍ଧିଜୀଙ୍କର୍ ତିରୋଧାନ୍ ଦିବସ୍ ଉଧେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଗାନ୍ଧିଜୀଙ୍କର୍ ଶାନ୍ତି, ସତ୍ୟ, ଅହିଂସା, ସାମାଜିକ୍ ନ୍ୟାୟ ଦେଶ୍ ଲାଗ ପ୍ରେରଣା ସାଜିଛେ ।

ମହାତ୍ମାଗାନ୍ଧୀଙ୍କର୍ ଜୀବନ୍ ଉପଦେଶ୍ ସମ୍‌କର୍ ଲାଗି ଗୁଟେ ମାର୍ଗଦର୍ଶକ୍‌ର ସିଦ୍ଧାନ୍ତ ବଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସାମାଜିକ୍ ଗଣମାଧ୍ୟମ୍‌ଥି କହିଛନ୍ ।

ମାହାଲିଆ ଟୀକା ହି.ସ.

ରାଏଜେ କୁଷ୍ଠରୋଗୀମାନ୍‌କର୍ ସାଙ୍ଗେ ମିଶୁଥିବା ଲୁକ୍‌କୁ ମାହାଲିଆ ଟୀକା ଦିଆଯିବା, ସେଥିର୍‌ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଲୟ ସାଙ୍ଗେ ଆଲୋଚନା ହେଇଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ସେ କହିଛନ୍ ଯେ, ଆଇସିଏମ୍‌ଆର୍ ଇତାର୍ ନୋଡ଼ାଲ୍ ଏଜେନ୍ସି ରହେବା । ଇ ବାବ୍‌ଦେ ଆଇସିଏମ୍‌ଆର୍ ନିର୍ଦ୍ଦେଶକଙ୍କର୍ ସାଙ୍ଗେ ଆଲୋଚନା ହେଇଛେ ବଲି ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ।

ଆର୍‌ଏସ୍‌ଏସ୍ ମୁଖ୍ୟ-ଓଡ଼ିଶା ଗସ୍ତ ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ରାଷ୍ଟ୍ରୀୟ ସ୍ୱୟଂ ସେବକ୍ ସଂଘ - ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ୍ ଭାଗ୍‌ବତ୍ ଆଏଜ୍ ୫ ଦିନିଆ ଓଡ଼ିଶା ଗସ୍ତଥି ଆସିଛନ୍ । ଶ୍ରୀ ଭାଗ୍‌ବତ୍ ଭୁବ୍‌ନେଶ୍ୱର୍ ବିଜୁ ପଟ୍ଟନାୟକ୍ ଅନ୍ତର୍ଜାତୀୟ ବିମାନ୍ ବନ୍ଦର୍ ନ ପୁହୁଁଚିଲା ଉତ୍‌ରୁ ସଂଘର୍ ବରିଷ୍ଠ ପଦାଧିକାରୀମାନେ ସ୍ୱାଗତ୍ ଜନେଇଥିଲେ । ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ନ ଆଏଜ୍ ସଞ୍ଝେ ଶ୍ରୀ ଭାଗ୍‌ବତ୍ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର୍ ଆଘର୍ ପ୍ରାନ୍ତ ସଂଘ ସଂଚାଳକ ଶିବରାମ୍ ମହାପାତ୍ରଙ୍କର୍ ସ୍ମୃତି ଲାଗି ହେଇଥିବା ଗୁଟେ ଶ୍ରଦ୍ଧାଞ୍ଜଳି ସଭାଥି ଯୋଗ୍ ଦେବେ । ଶ୍ରୀ ଭାଗ୍‌ବତ୍ ଆଏବାକାଏଲ୍‌ନୁ ଆଏବା ୩ ତାରିଖ୍‌ତକ୍ ଉତ୍କଳ ବିପନ୍ନ ସହାୟତା ସମିତି ନ ହେବାର୍‌କେ ଥିବା ସଂଗଠନ୍‌ର ସାଂଗଠନିକ୍ କାର୍ଯ୍ୟର୍ ସମୀକ୍ଷା ଆର୍ ସଂଘର୍ ଶତାବ୍ଦୀ ବାର୍ଷିକୀ ବୈଠକ୍‌ଥି ଯୋଗ୍ ଦେବେ ବଲି ଜନାପଡ଼ିଛେ ।

ଗାଡ଼ିମଟର୍ ଫିଟ୍‌ନେସ୍ I&PR

ରାଜ୍ୟ ସର୍କାର ଗାଡ଼ିମଟର୍ ଫିଟ୍ନେସ୍ ପରୀକ୍ଷାକେ ନିର୍ଭୁଲ୍ କର୍ବାର୍ ଲାଗି ପହେଲାକରି ସ୍ୱୟଂକ୍ରିୟ ଗାଡ଼ି ପରୀକ୍ଷଣ ବ୍ୟବସ୍ଥା କଟକ  ଆର୍ଟିଓ ଅଧିନ୍‌ଥି ଥାପ୍ନା କରିଛନ୍ । ବୈଷୟିକ୍ ଜ୍ଞାନ୍‌କୌଶଲ୍ ଜରିଏ ସ୍ୱୟଂକ୍ରିୟ ପଦ୍ଧତିଥି ଇ ବ୍ୟବସ୍ଥା ଗାଡ଼ିର୍ ଫିଟ୍ନେସ୍ ପରୀକ୍ଷା କର୍ବା । କେନ୍ଦ୍ରୀୟ ମୋଟରଯାନ ନିୟମ୍ ଅନ୍‌ସାରେ ଗାଡ଼ିର୍ ଫିଟ୍ନେସ୍ ପରୀକ୍ଷା କର୍ବାର୍ ଲାଗି ଇ ବ୍ୟବସ୍ଥା କରାଯାଇଛେ । ଖୁବ୍ ଜଲ୍‌ଦି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ୨୧ ଟାନୁ ଅଏତ୍‌କା ଏଟିଏସ୍ ଥାପ୍ନା କର୍ବାର୍ ଲକ୍ଷ୍ୟ ରଖାଯାଇଛେ । ଇ ପରୀକ୍ଷଣ ବ୍ୟବସ୍ଥାକେ ଫଟିକ୍ କର୍ବାର୍ ଲାଗି ଫିଟ୍ନେସ୍ ପରୀକ୍ଷା ବ୍ୟବସ୍ଥା କରାଯାଇଛେ । ଇତାର୍ ଜରିଏ ରାସ୍ତା ଦୁର୍ଘଟଣା କମ୍ କରାଯାଇ ପାର୍ବା ବଲି ଆଶ୍ କରାଯାଉଛେ ।

ବଜେଟ୍        ଆର୍‌ଏନ୍‌ୟୁ/

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଆଏବା ୧ ତାରିଖ୍ ଶନିବାର ଦିନ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ୍ କର୍ବେ । କେନ୍ଦ୍ରୀୟ ବଜେଟ୍‌କେ ନେଇକରି ଲୁକ୍‌କର୍ ଭିତ୍‌ରେ ବହୁତ୍ ପ୍ରକାର୍ ଆଶା ଆକାଂକ୍ଷା ପ୍ରକାଶ୍ ପାଉଛେ । ଇ ବାବ୍‌ଦେ ସମ୍ବଲ୍‌ପୁର୍

ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ୍ ମୁଖ୍ୟ ପ୍ରଫେସର୍ ସଂଯୁକ୍ତା ଦାସ କହିଛନ୍...
(ଭଏସ୍ ଓଭର୍- ୧- ପ୍ରଫେସର୍)

ଶହୀଦ୍ ଦିବସ୍ ନୂଆପଡ଼ା/ ବୌଦ୍ଧ

ନୂଆପଡ଼ା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ୍ ସଂସ୍ଥା କାର୍ଯ୍ୟାଳୟ ନ ଶହୀଦ୍ ଦିବସ୍ ପାଲିତ୍ ହେଇଯାଇଛେ । ଗାନ୍ଧୀଜୀଙ୍କର୍ ସ୍ୱାଧୀନତା ସଂଗ୍ରାମ୍ ବାବ୍‌ଦେ ସ୍ମୃତିଚାରଣ୍ କରାଯାଇଥିଲା । ନୂଆପଡ଼ା ଜିଲ୍ଲାର୍ ରକ୍ତତୀର୍ଥ ଶଳିହା ଠାନେ ଭିଲ୍ ଶହୀଦ୍ ଦିବସ୍ ପାଲିତ୍ ହେଇଯାଇଛେ । ଖଡ଼ିଆଲ୍ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିସର୍ ନ ପାଲିତ୍ ହେଇଥିବା ଶହୀଦ୍ ଦିବସ୍ ମହାତ୍ମାଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇକରି ସ୍ମୃତିଚାରଣ୍ କରାଯାଇଥିଲା ।

ବୌଦ୍ଧ ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ନ ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ଶହୀଦ୍ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ୨ ମିନିଟ୍ ନୀରବ୍ ପ୍ରାର୍ଥନା କରାଯିବାର୍ ସହେତେ ମହାତ୍ମାଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା ।

ଖାଦ୍ୟ ଯୋଗାଣ ମନ୍ତ୍ରୀ-କଳାହାଣ୍ଡି କଳାହାଣ୍ଡି ସମ୍ବାଦଦାତା

ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଏଜ୍ କଲାହାଣ୍ଡି ଜିଲ୍ଲା ଗସ୍ତ କରିକରି ଜିଲ୍ଲାପାଲ୍ କାର୍ଯ୍ୟାଳୟ ଠାନେ ଧାନ୍ ଘିନା ସମୀକ୍ଷା କରିଛନ୍ । ସମୀକ୍ଷା ବୈଠକ୍‌ଥି ମଣ୍ଡି ସମସ୍ୟା ସହେତେ ଖାଉଟି ରାସନ୍ କାର୍ଡ଼ଧାରୀଙ୍କର୍ ଇ-କେଓ୍ୱାଇସି ଜଲ୍‌ଦି ସାର୍‌ବାର୍‌କେ ପ୍ରଶାସନିକ୍ ଅଧିକାରୀଙ୍କର୍ ସଙ୍ଗେ ମନ୍ତ୍ରୀ ଶ୍ରୀ ପାତ୍ର ଆଲୋଚନା କରିଛନ୍ । ବୈଠକ୍‌ଥି ଜିଲ୍ଲାପାଲ୍ ସଚିନ୍ ପାଓ୍ୱାର୍ ପ୍ରକାଶ୍, ଅତିରିକ୍ତ ଜିଲ୍ଲାପାଲ୍, ଯୋଗାଣ ବିଭାଗ୍ ଅଧିକାରୀମାନେ ସାମିଲ୍ ଥିଲେ । ଇ ଉଧେ ମନ୍ତ୍ରୀ ଶ୍ରୀ ପାତ୍ର ଜିଲ୍ଲାର୍ କେତେଟା ମଣ୍ଡି ବୁଲିକରି ସମସ୍ୟା ବୁଝିଥିଲେ ।

କୁଷ୍ଠ ନିରାକରଣ୍ ଦିବସ୍        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଆଏଜ୍ ଜିଲ୍ଲାସ୍ତରୀୟ ବିଶ୍ୱ କୁଷ୍ଠ ନିରାକରଣ୍ ଦିବସ୍ ପାଳନ୍ କରାଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସଭାଥି ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର୍ ବି.କେ. ଆର୍.ସି. ହେମ୍ବ୍ରମ୍, ଡାକ୍ତର୍ ମଦନ୍ ମୋହନ୍ ପ୍ରଧାନ୍, ଡାକ୍ତର୍ କିଶୋର୍ ଚନ୍ଦ୍ର ପଟ୍ଟନାୟକ୍, ଡାକ୍ତର୍ ସଂଘମିତ୍ରା ପଣ୍ଡା ଯୋଗ୍ ଦେଇକରି

କୁଷ୍ଠରୋଗ ନିରାକରଣ୍ ବାବ୍ଦେ କହିଥିଲେ । କୁଷ୍ଠ ନିରାକରଣ୍ କାର୍ଯ୍ୟକ୍ରମ୍‌ଥି ସଭେ ସାମିଲ୍ ହେବାର୍‌କେ ସଭାଥି ଅନୁରୋଧ୍ କରାଯାଇଥିଲା ।